# ଓଡ଼ିଶା ସରକାର

## କ୍ରୀଡ଼ା ଓ ଯୁବ ସେବା ବିଭାଗ

# ବିଜ୍ଞାପନ

**ବିଜୁ ଯୁବ ସଶକ୍ତିକରଣ ଯୋଜନା ମାଧ୍ୟମରେ ସହରାଥଳର ଯୁବ ଅନୁଷ୍ଠାନ(କ୍ଲବ) ମାନଙ୍କ ସପକ୍ଷରେ ଅନୁଦାନ ମଞ୍ଜୁର ପାଇଁ ଦରଖାସ୍ତ ଆହ୍ୱାନ**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଦ୍ୱାରା ପ୍ରଣିତ ବିଜୁ ଯୁବ ସଶକ୍ତିକରଣ ଯୋଜନା ଅନୁଯାୟୀ ସହରାଥଳର ଯୁବ ଅନୁଷ୍ଠାନ ସପକ୍ଷରେ ସେମାନଙ୍କର ଯୁବ ବିକାଶ କାର୍ଯ୍ୟକଳାପକୁ ତ୍ୱରାନିତ କରିବା ପାଇଁ ପ୍ରୋତ୍ସାହନ ସ୍ୱରୂପ ସର୍ବାଧିକ ଦଶହଜାର ଟଙ୍କା ଏକକାଳୀନ ଅନୁଦାନ ସର୍ତାବଳୀ ପୂରଣ କରୁଥିବା ଆଗ୍ରହୀ ଯୁବ ଅନୁଷ୍ଠାନ (କ୍ଲବ) ମାନଙ୍କ ଠାରୁ ନିମ୍ନପ୍ରଦତ ଫର୍ମରେ  ଦରଖାସ୍ତ ଆହ୍ୱାନ କରାଯାଉଅଛି । ପ୍ରକାଶଥାଉକି ଏହି ଯୋଜନା  ହିନ୍ଦୋଳ,ନୂଆପଡ଼ା ଓ ଅତାବିରା  ସହରରେ ଅବସ୍ଥିତ ଯୁବ ଅନୁଷ୍ଠାନ (କ୍ଲବ) ମାନଙ୍କୁ ବର୍ତମାନ ପାଇଁ ପ୍ରଯୁଯ୍ୟ ନୁହେଁ ।

### ସର୍ତାବଳୀ ଓ ଯୋଗ୍ୟତା

୧. ଯୁବ ଅନୁଷ୍ଠାନଟି (କ୍ଲବ) ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ପଂଜୀକୃତ ହୋଇଥିବେ ଅବା ନେହେରୁ ଯୁବ କେନ୍ଦ୍ର ଦ୍ୱାରା ସ୍ୱୀକୃତି ପ୍ରାପ୍ତ ହୋଇଥିବେ, ଅବା ଗତ ଦୁଇ ବର୍ଷ  ଧରି ଯୁବ ବିକାଶ ସମ୍ବନ୍ଧିତ କାର୍ଯ୍ୟକ୍ରମରେ ସଂପୃକ୍ତ ଥିବାର ଅଭିଜ୍ଞତା ପ୍ରମାଣ ପତ୍ର ଦେଇ  ପାରୁଥିବେ  ।

୨.ଅନୁଷ୍ଠାନଟି ସ୍ଥାନୀୟ କିମ୍ବା ୱାର୍ଡ଼ ଭିତିକ ହୋଇଥିବ । ଅର୍ଥାତ୍ ଏହାର କାର୍ଯ୍ୟସୀମା ସ୍ଥାନୀୟ ଅଥଳ/ ୱାର୍ଡ଼ ମଧ୍ୟରେ  ସୀମିତ ଥିବ ।

୩.ଅନୁଷ୍ଠାନଟିର ସଂଖ୍ୟା-ଗରିଷ୍ଠ ସଦସ୍ୟମାନଙ୍କ ବୟସ ସୀମା  ୧୫-୩୫ ମଧ୍ୟରେ ସିମିତ ଥିବ ତଥା ପରିଚାଳନା କମିଟିର ସଦସ୍ୟ ବୃନ୍ଦ ମଧ ଏହି ବୟସ ସୀମାକୁ ଅତିକ୍ରମ କରି ନଥିବେ ।

୪.ଏହି ଅନୁଷ୍ଠାନଟିରେ ମହିଳା ଏବଂ ପଛୁଆ ବର୍ଗ ସଦସ୍ୟ ମାନଙ୍କର ଭାଗିଦାରୀ ଥିବ  ।

୫.ଅନୁଷ୍ଠାନଟି ତାର ରେକର୍ଡ଼ପତ୍ର ମିଟିଙ୍ଗ ଖାତା, ନୋଟିସ୍ ବହି, ହିସାବ ଖାତାକୁ ନିୟମିତ ରଖିଥିବେ ।

୬.ଅନୁଷ୍ଠାନଟିର ନିଜସ୍ୱ ଖାତା ଯେକୌଣସି ଜାତୀୟକରଣ ବ୍ୟାଙ୍କରେ ଖୋଲାଯାଇଥିବ ।

୭.ଅନୁଦାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବା ଯୁବ ଅନୁଷ୍ଠାନ (କ୍ଲବ) ଗୁଡ଼ିକ ସହରର ପରିଧି ଭିତରେ କାର୍ଯ୍ୟକରିବା ପାଇଁ ଇଛୁକ ଥିବା ଆବଶ୍ୟକ ।

୮. ସହରାଥଳରେ ଥିବା ( ମ୍ୟୁନିସିପାଲ କର୍ପୋରେସନ୍ , ମ୍ୟୁନିସିପାଲିଟି  କିମ୍ବା ଏନ୍,ଏ.ସି ଅନ୍ତର୍ଗତ ) ଯୁଥ କ୍ଲବ/ଯୁବ ଅନୁଷ୍ଠାନମାନେ ନିର୍ଦ୍ଧାରିତ ଫର୍ମ ଏବଂ କାଗଜପତ୍ର ସହ ଏହି ଅନୁଦାନ ପାଇବା ପାଇଁ ନିମ୍ନ ଲିଖିତ ଠିକଣାରେ ଖବରକାଗଜରେ ବିଜ୍ଞାପନ ପ୍ରକାଶନର ତିନି ସପ୍ତାହ ମଧରେ ଆବେଦନ କରିପାରିବେ ।

କ୍ରମଶଃ...

## ଦରଖାସ୍ତ ଫର୍ମ

୧. ଅନୁଷ୍ଠାନର ନାମ ଓ ଠିକଣା
(ଟେଲିଫୋନ୍ ନମ୍ବର ଇମେଲ ଆଇଡ଼ି ସହ)
୨. ରେଜିଷ୍ଟ୍ରେସନ ନମ୍ବର ଓ ବର୍ଷ (ସଂଲଗ୍ନ ସହ )।
୩. ନେହେରୁ ଯୁବକେନ୍ଦ୍ର ସଂଗଠନ ସହିତ ସହବନ୍ଧିତ ନମ୍ବର ଓ ବର୍ଷ ।(ସଂଲଗ୍ନ ସହ )
୪. ଅନୁଷ୍ଠାନର ବିଭିନ୍ନ ବର୍ଗର ସଦସ୍ୟଙ୍କ ବିବରଣୀ ।

| ସାଧାରଣ ବର୍ଗ | | ଅନୁସୂଚିତ ଜାତି | | ଅନୁସୂଚିତ ଜନଜାତି | | ପଛୁଆ ବର୍ଗ | | ସଂଖ୍ୟାଲଘୁ | |
|---|---|---|---|---|---|---|---|---|---|
| ପୁରୁଷ | ସ୍ତ୍ରୀ | ପୁରୁଷ | ସ୍ତ୍ରୀ | ପୁରୁଷ | ସ୍ତ୍ରୀ | ପୁରୁଷ | ସ୍ତ୍ରୀ | ପୁରୁଷ | ସ୍ତ୍ରୀ |
| | | | | | | | | | |

୫. ଅନୁଷ୍ଠାନର ସଭାପତି ଓ ସଂପାଦକଙ୍କ ନାମ,ଠିକଣା ଓ ବୟସ ଓ ଟେଲିଫୋନ୍ ନମ୍ବର ।

୬. ଅନୁଷ୍ଠାନର ସଠିକ୍ ହିସାବ କିତାବ ପରିଚାଳିତ-ହେଉଛି କି ? ହଁ/ନାଁ
ଯଦି ହଁ, ବିଗତ ତିନି ବର୍ଷର ଅଡ଼ିଟ୍ ରିପୋର୍ଟ ଓ ହିସାବର ବିବରଣୀ ସଂଲଗ୍ନ କରିବା ବାଧ୍ୟନିୟ୍ ।

୭.ଭିତିଭୂମି ସମ୍ବନ୍ଧୀୟ ବିବରଣୀ –
(କ) ଅଫିସ ସରଞ୍ଜାମ ଇତ୍ୟାଦି

୮. (କ) ପୂର୍ବରୁ କୌଣସି ଅନୁଦାନ ପାଇଛନ୍ତି କି ? ହଁ/ନାଁ
ଯଦି ହଁ ଅନୁଦାନ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଯଥା ବର୍ଷ, ଅନୁଦାନ ପରିମାଣ ଓ ଉଦ୍ଦେଶ୍ୟ ।
(ଖ) ଯଦି ନାଁ, ବିଗତ ଦୁଇ ବର୍ଷ ଭିତରେ ଅର୍ଥ ଯୋଗାଡ଼ କରିବାର ପ୍ରୟାସ ଓ ଏହାର ପରିମାଣ ।

୯. ବିଗତ ଦୁଇ ବର୍ଷର କାର୍ଯ୍ୟକଳାପର ବିବରଣୀ ।

୧୦. କାର୍ଯ୍ୟକଳାପର ସାରାଂସ ଓ କାର୍ଯ୍ୟକ୍ଷେତ୍ରର ପରିସୀମା ।

୧୧. କାର୍ଯ୍ୟ ନିର୍ବାହୀ କମିଟିର ସମସ୍ତଙ୍କ ନାମ ଓ ବୟସ
ଜାତି, ଲିଙ୍ଗ, ଯୋଗ୍ୟତା ଓ ପେସା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବେ ।

୧୨. (Bank Account No.) ବ୍ୟାଙ୍କ ଖାତା ନଂ ଓ ବିବରଣୀ – ସଥୟ /ଚଳନ୍ତି
(କ) ବ୍ୟାଙ୍କର ନାମ ଓ ଶାଖା -
(ଖ) (Type of Account ) କି ପ୍ରକାରର ଆକାଉଣ୍ଟ-( ବ୍ୟାଙ୍କ ଖାତା ସଂଲଗ୍ନ ସହ )
(ଗ) IFSC Code

**ସଂପାଦକଙ୍କ ସ୍ୱାକ୍ଷର ଓ ମୋହର**

ସଂପୂର୍ଣ୍ଣ ଦରଖାସ୍ତ ତା-୨୦-୦୪-୨୦୧୩ ରିଖ ମଧ୍ୟରେ ମଣ୍ଡଳ ନିର୍ଦ୍ଦେଶକ, ନେହେରୁ ଯୁବ କେନ୍ଦ୍ର ସଂଗଠନ, ପ୍ଲଟ ନଂ-୭୧,ଭି.ଆଇ.ପି କଲୋନୀ, ଆଇ.ଆର.ସି ଭିଲେଜ, ଭୁବନେଶ୍ୱର -୭୫୧୦୧୫ଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ । ଅସଂପୂର୍ଣ୍ଣ ଓ ଧାର୍ଯ୍ୟ ତାରିଖ ପରେ ହସ୍ତଗତ ହୋଇଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଏହା ମଧ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗ ୱେବସାଇଟ୍ www.dsysodisha.gov.in ରେ ଉପଲବ୍ଧ ହେବ ।

**ନିର୍ଦ୍ଦେଶକ**
**କ୍ରୀଡ଼ା ଓ ଯୁବ ସେବା ବିଭାଗ**
**ଓଡ଼ିଶା ସରକାର, ଭୁବନେଶ୍ୱର**